# ପୌର ପାଳିକା କାର୍ଯ୍ୟାଳୟ : ରାଇରଙ୍ଗପୁର

ନଂ. 4372 ତା 21.12.2022 ରିଖ

## ଟେଣ୍ଡର ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରାଇରଙ୍ଗପୁର ପୌର ପରିଷଦ ଅଧିନସ୍ଥ ବସ୍ ଷ୍ଟାଣ୍ଡ ଯାତ୍ରୀନିବାସ ର ୨(ଦୁଇ) ବର୍ଷ ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି । ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ତା୨୧.୧୨.୨୦୨୨ରିଖ ଠାରୁ ତା୩୦.୧୨.୨୦୨୨ରିଖ ଅପରାହ୍ନ ୧୨ଘଟିକା ସୁଦ୍ଧା ଟେଣ୍ଡର ପେପର କାର୍ଯ୍ୟାଳୟରୁ କ୍ରୟ କରି ପାରିବେ । ଉକ୍ତ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି କାର୍ଯ୍ୟାଳୟରୁ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ଟ.୨୫୦୦ଙ୍କା(ଦୁଇ ହଜାର ପାଂଚ ଶହ ଟଙ୍କା) ଦାଖଲ କରି ତା୨୧.୧୨.୨୦୨୨ରିଖ ଠାରୁ ତା୩୦.୧୨.୨୦୨୨ରିଖ ଦିବା ୧୨ଘଟିକା (ସରକାରୀ କାର୍ଯ୍ୟ ଦିବସ) ମଧ୍ୟରେ ପାଇପାରିବେ ଏବଂ ତା୩୦.୧୨.୨୦୨୨ରିଖ ଦିବା ୧ଘଟିକା ମଧ୍ୟରେ ଟେଣ୍ଡର ବାକ୍ସରେ ପକାଇ ପାରିବେ । ଏହା ପରେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଜଉମୁଦ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ନିର୍ଦ୍ଧାରିତ ହୋଇଥିବା ଅମାନତ ଟଙ୍କାର ୫୦% କୌଣସି ଜାତୀୟ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ / ସ୍ଥାୟୀ ଜମା ପ୍ରମାଣ ପତ୍ର ଜରିଆରେ Executive Officer, Rairangpur Municipalityଙ୍କ ନାମରେ ଟେଣ୍ଡର ପେପର ସହିତ ଟେଣ୍ଡର ବାକ୍ସରେ ପକାଇବା ବାଧ୍ୟତା ମୂଳକ । ଯଦି ଅମାନତ ଟଙ୍କାର ୫୦% ଅମାନତ ଟଙ୍କା ଟେଣ୍ଡର ପେପର ସହିତ ନ ଦିଅନ୍ତି ତେବେ ଉକ୍ତ ଟେଣ୍ଡରକୁ ବାତିଲ କରାଯିବ। ଜଉମୁଦ ଟେଣ୍ଡର ଆସନ୍ତା ତା୩୧.୧୨.୨୦୨୨ରିଖ ପୂର୍ବାହ୍ନ ୧୧ଘଟିକା ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । କର୍ତ୍ତୃପକ୍ଷ ଯେ କୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି । ସେ ଇଚ୍ଛା କଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରି ପାରିବେ । ଯେଉଁ ବ୍ୟକ୍ତି ଟେଣ୍ଡର ପାଇବେ ସେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ତଥା ଚୁକ୍ତି ପତ୍ର ସର୍ତ୍ତାବଳୀ ମୁତାବକ ପରିଚାଳନା କରିବେ । ଗୋଟିଏ ମାତ୍ର ଟେଣ୍ଡର ପଡିଥିଲେ କିମ୍ବା ଅପ୍‌ସେଟ୍ ମୂଲ୍ୟଠାରୁ କମ୍ ମୂଲ୍ୟ ଥିବା ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ ଏବଂ ଉକ୍ତ ଟେଣ୍ଡର ସଙ୍ଗେ ସଙ୍ଗେ ବାତିଲ କରାଯିବ । କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମ ଅନୁଯାୟୀ ବସ୍ ଷ୍ଟାଣ୍ଡ ଯାତ୍ରୀନିବାସର ପରିଚାଳନା ନକଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବ୍ୟାଜ୍ୟାପ୍ତ କରାଯିବ । ଏଥି ପାଇଁ କର୍ତ୍ତୃପକ୍ଷ ଦାୟି ରହିବେ ନାହିଁ

| କ୍ର. ସଂଖ୍ୟା | ଟେଣ୍ଡର ନାମ | ବାର୍ଷିକ ଅପ୍‌ସେଟ୍ ମୂଲ୍ୟ | ଟେଣ୍ଡର ପେପର ମୂଲ୍ୟ | ଅମାନତ ଟଙ୍କା |
|---|---|---|---|---|
| ୧ | ବସ୍ ଷ୍ଟାଣ୍ଡ ଯାତ୍ରୀନିବାସ | ଟ.୩,୦୦,୦୦୦ଙ୍କା | ଟ.୨୫୦୦ଙ୍କା | ଟ.୩,୦୦,୦୦୦ଙ୍କା |

Contd.Pg-2

# ସର୍ତ୍ତାବଳୀ

୧- ବସ୍ ଷ୍ଟାଣ୍ଡ ଯାତ୍ରୀନିବାସ ଲିଜ୍ ନିମନ୍ତେ ଟେଣ୍ଡର ପକାଇବାକୁ ଇଚ୍ଛୁକ ବ୍ୟକ୍ତି ରାଇରଙ୍ଗପୁର ପୌରାଂଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୨-ଉକ୍ତ ଟେଣ୍ଡର ପେପର ସହିତ ଅମାନତ ଟଙ୍କା କୌଣସି ଜାତୀୟ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ / ସ୍ଥାୟୀ ଜମା ପ୍ରମାଣ ପତ୍ର ଜରିଆରେ Executive Officer, Rairangpur Municipalityଙ୍କ ନାମରେ ଟେଣ୍ଡର ପେପର ସହିତ ଟେଣ୍ଡର ବାକ୍ସରେ ପକାଇବା ବାଧ୍ୟତା ମୂଳକ ।

୩-ଯେଉଁ ବ୍ୟକ୍ତି ପରିଷଦର ଦେଣାଦାର ହୋଇଥିବେ ଅର୍ଥାତ୍ ତାଙ୍କ ଉପରେ କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟଙ୍କ ଉପରେ ପରିଷଦର ଯେ କୌଣସି ବକେୟା ଥିବ ସେମାନେ ଏହି ଟେଣ୍ଡରରେ ଅଂଶ ଗ୍ରହଣ କରି ପାରିବେ ନାହିଁ ।

୪-ଆବେଦନକାରୀ ରାଇରଙ୍ଗପୁର ପୌର ପରିଷଦର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ଏବଂ ଟେଣ୍ଡର ପେପର ସହିତ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର, ପାନ୍ କାର୍ଡ, ଜି.ଏସ୍.ଟି. କ୍ଲିୟାରେନ୍ସ ସାର୍ଟିଫିକେଟ୍ ଏବଂ ଆଧାର କାର୍ଡର ନିଜ ଏଟେଷ୍ଟେଡ୍ ହୋଇଥିବା ନକଲ କପି ସଂଲଗ୍ନ କରି ଟେଣ୍ଡପ ବାକ୍ସରେ ପକାଇବା ବାଧ୍ୟତା ମୂଳକ । ଏହାର ବ୍ୟତିକ୍ରମ ହେଲେ ଉକ୍ତ ଟେଣ୍ଡର ପେପରକୁ ବାତିଲ କରାଯିବ ।

୫-କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିଙ୍କ ନାମରେ ଟେଣ୍ଡରରେ ଅଂଶ ଗ୍ରହଣ କରି ପାରିବେ ନାହିଁ ।

୬-ଅପ୍‌ସେଟ୍ ମୂଲ୍ୟ ଠାରୁ ସର୍ବୋଚ୍ଚ ମୂଲ୍ୟ ପକାଇଥିବା ବ୍ୟକ୍ତିଙ୍କ ନାମରେ ଟେଣ୍ଡର ଚୁଡାନ୍ତ ହେବ, ସେ ଟେଣ୍ଡରର ସମସ୍ତ ଅର୍ଥ ୬ମାସ ମଧ୍ୟରେ ଦୁଇଟି କିସ୍ତିରେ ଦାଖଲ କରିବେ ଏବଂ ଅମାନତ ରାଶିର ଅବଶିଷ୍ଟ ୫୦% (ଯଥା ଟ.୧,୫୦,୦୦୦ଙ୍କା) ଦାଖଲ କରି ସାତ ଦିନ ମଧ୍ୟରେ ଚୁକ୍ତି ପତ୍ର ସମ୍ପାଦନ କରି ଉକ୍ତ ଚୁକ୍ତି ପତ୍ର ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଲିପିବଦ୍ଧ କରିବାକୁ ବାଧ ହେବେ । ଉକ୍ତ ଚୁକ୍ତି ପତ୍ର ସମ୍ପାଦନ କଲାପରେ କାର୍ଯ୍ୟାଳୟରୁ ଲାଇସେନ୍ସ ଗ୍ରହଣ କରିବେ । ଉପରୋକ୍ତ ସର୍ତ୍ତ ଖିଲାପ କଲେ ଟେଣ୍ଡର ଖାରଜ କରାଯାଇ ସାନିଟେଣ୍ଡର କରାଯିବ ।

୭-ସର୍ବୋଚ୍ଚ ଟେଣ୍ଡରକୁ ନିର୍ବାହୀ ଅଧିକାରୀ ଗ୍ରହଣ କରିବାକୁ କିମ୍ବା ଟେଣ୍ଡର ଚୁଡାନ୍ତ ହେବା ପରେ କୌଣସି ଅହେତୁକ ଅଭିଯୋଗ ଅନୁରୋଧ ଶୁଣିବା ପାଇଁ ବାଧ ନୁହନ୍ତି ।

୮-ଦୁଇ ବା ତତୁର୍ଦ୍ଧ ବ୍ୟକ୍ତ ଟେଣ୍ଡରରେ ସମାନ ଅପ୍‌ସେଟ୍ ମୂଲ୍ୟ ପ୍ରଦାନ କରି ଆବେଦନ କଲେ ସେମାନଙ୍କ ମଧ୍ୟରେ ଲୋଟାରୀ ମାଧ୍ୟମରେ ଚୟନ କରାଯିବ ।

୯-ବସ୍ ଷ୍ଟାଣ୍ଡ ଲୋଜିଂର ଟେଣ୍ଡର ପାଇଥିବା ବ୍ୟକ୍ତି ଲୋଜିଂରେ ଥିବା ସମସ୍ତ ଆସବାବପତ୍ର ର ଏକ ତାଲିକା ପୌର ପରିଷଦରୁ ଗ୍ରହଣ କରି ସେଗୁଡିକର ରକ୍ଷଣାବେକ୍ଷଣ ସହିତ ଲଜିଂର ରକ୍ଷଣାବେକ୍ଷଣ ନିଜ ଖର୍ଚ୍ଚରେ ତୁଲାଇବାକୁ ବାଧ ରହିବେ ଏବଂ ଟେଣ୍ଡ ଅବଧି ପରେ ତାଲିକାଭୁକ୍ତ ଆସବାବପତ୍ରକୁ ସଠିକ୍ ଭାବେ ଫେରସ୍ତ କରିବେ ନଚେତ୍ ତାଙ୍କର ଅମାନତ ରାଶିକୁ ବାଜ୍ୟାପ୍ତ କରାଯିବ ।

୧୦-ଟେଣ୍ଡର ପାଇଥିବା ବ୍ୟକ୍ତି ବସ୍ ଷ୍ଟାଣ୍ଡ ଲୋଜିଂ ରେ ସଂଯୋଗ ହୋଇଥିବା ବିଦ୍ୟୁତ୍ ବିଲ ପୈଠ କରିବାକୁ ବାଧ ରହିବେ ।

୧୧-ଯେଉଁ ମାନଙ୍କର ଟେଣ୍ଡର ମୂଲ୍ୟ ଅଧିକ ଏବଂ ଚୁଡାନ୍ତ ହେବ ସେମାନେ କାର୍ଯ୍ୟାଳୟ ସହିତ ଏକ ୧୦୦ଟଙ୍କାର ଷ୍ଟାମ୍ପ ପେପରରେ ସାତ ଦିନ ମଧ୍ୟରେ ଚୁକ୍ତିପତ୍ର ସଂପାଦନ କରିବା ପାଇଁ ବାଧ ରହିବେ । ନଚେତ୍ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବା ସହିତ ପାଇଥିବା ଟେଣ୍ଡରକୁ ଖାରଜ କରାଯିବ ।

୧୨-ଲିଜ୍ ଅବଧି ମଧ୍ୟରେ ପୌରାଧକ୍ଷ, ନିର୍ବାହୀ ଅଧିକାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ଅଧିକାରୀ ଯେ କୌଣସି ସମୟରେ ବସ୍ ଷ୍ଟାଣ୍ଡ ଯାତ୍ରୀନିବାସର ପରିଦର୍ଶନ କରି ପାରିବେ ।

**Contd.Pg-3**

୧୩-ଲିଜ୍ ଅବଧି ମଧ୍ୟରେ ବସ୍‌ଷ୍ଟାଣ୍ଡ ଯାତ୍ରୀନିବାସରେ କୌଣସି ବେଆଇନ୍ /ଅନୈତିକ କାର୍ଯ୍ୟ କଳାପ ହୋଇ ପାରିବ ନାହିଁ । ଯଦି ସେପରି କୌଣସି କାର୍ଯ୍ୟକଳାପ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର ହୁଏ ତାହେଲେ ଟେଣ୍ଡର ପାଇଥିବା ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ତାଙ୍କ ଚୁକ୍ତି ପତ୍ରକୁ ଖାରଜ୍ କରାଯିବ ଏବଂ ତାଙ୍କର ଅମାନତ ଥିବା ଟଙ୍କା ବାଜ୍ୟାପ୍ତ କରାଯିବ ।

୧୪-ଉକ୍ତ କାର୍ଯ୍ୟାଳୟ ଦ୍ୱାରା ବସ୍ ଷ୍ଟାଣ୍ଡ ଯାତ୍ରୀନିବାସର ନିର୍ଦ୍ଧାରିତ ହୋଇଥିବା ଭଡା, ଠାରୁ ଅଧିକ ଭଡା କୌଣସି ଜନସାଧାରଣଙ୍କଠାରୁ ଆଦାୟ କରି ପାରିବେ ନାହିଁ । ଯଦି ଏହା କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚରକୁ ଆସେ ତାହେଲେ ଟେଣ୍ଡର ପାଇଥିବା ବ୍ୟକ୍ତି ଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ତାଙ୍କ ଚୁକ୍ତି ପତ୍ରକୁ ଖାରଜ୍ କରାଯିବ ।

୧୫-ସର୍ବୋଚ୍ଚ ଟେଣ୍ଡରଧାରୀ ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ଚୁକ୍ତିପତ୍ର ସଂପାଦନ କରିବାରେ ବିଫଳ ହେଲେ ତାଙ୍କର ଜମା ଥିବା ଅମାନତ ଟଙ୍କାକୁ ବାଜ୍ୟାପ୍ତ କରାଯିବ ।

୧୬-ଟେଣ୍ଡର ସମୟ ୨(ଦୁଇ) ବର୍ଷ ଅତିକ୍ରାନ୍ତ ହେଲା ପରେ ଟେଣ୍ଡର ନେଇଥିବା ବ୍ୟକ୍ତିଙ୍କ ଜମାଥିବା ଅମାନତ ଟଙ୍କାକୁ ବିନା ସୁଧରେ ଫେରସ୍ତ କରାଯିବ ।

୧୭-ବସ୍ ଷ୍ଟାଣ୍ଡ ଯାତ୍ରୀନିବାସର ଯଦି ଭଡାର କୌଣସି ପରିବର୍ତ୍ତନ ଦରକାର ପଡେ ତେବେ ପରିଷଦର ନିଷ୍ପତି ଅନୁଯାୟୀ ଭଡାର ପରିବର୍ତ୍ତନ କରାଯିବ ଏବଂ ଭଡା ବାବଦକୁ ଏକ ରେଂଟ୍ ଚାର୍ଟ ଯାତ୍ରୀନିବାସ ସାମ୍ନାରେ ମାରିବାକୁ ବାଧ ରହିବେ ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ

ପରିପତ୍ର ସଂଖ୍ୟା 4373 ତା ୩୧-୧୨-୨୦୨୫ ରିଖ

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ବାମନଘାଟୀ, ରାଇରଙ୍ଗପୁର/ ତହସିଲଦାର, ରାଇରଙ୍ଗପୁର / ଉପଖଣ୍ଡ ଚିକିତ୍ସାଧିକାରୀ, ରାଇରଙ୍ଗପୁର/ଭାରପ୍ରାପ୍ତ ଅଧିକାରୀ,ରାଇରଙ୍ଗପୁର ଥାନା/କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ରାଇରଙ୍ଗପୁର/ପୋଷ୍ଟ ମାଷ୍ଟର, ରାଇରଙ୍ଗପୁରଙ୍କୁ ତାଙ୍କ ନୋଟିସ ବୋର୍ଡରେ ପ୍ରଚାର ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ପୌରାଧକ୍ଷ / ଉପାଧକ୍ଷା / ସମସ୍ତ ପାରିଷଦ ବୃନ୍ଦଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଝୁଲା ଗଲା ଏବଂ ଶ୍ରୀ ନିଳକଣ୍ଠ ବିଶ୍ୱାଳ, ଏମ୍.ଆଇ.ଏସ୍. ଙ୍କୁ ରାଇରଙ୍ଗପୁର ପୌର ପରିଷଦର ୱେବ୍ ସାଇଟ୍‌ରେ ପ୍ରକାଶନ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଏହାର ଏକକିତା ନକଲ ଶ୍ରୀ ପୁରୁଷୋତ୍ତମ ବେହେରା, ଗଡ଼, ୱାର୍ଡ ନଂ.୭, ରାଇରଙ୍ଗପୁରଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ଦୁଇ ଦିନ ପ୍ରଚାର ନିମନ୍ତେ ଦିଆଗଲା ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ